# NATIONAL NEWS BULLETIN (ODIA)

## 26th March - 2025

## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ସଂସଦର ଅନୁମୋଦନ ଲାଭ କଲା ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍, ୨୦୨୪ ।

- ଅର୍ଥବିଲ୍, ୨୦୨୫ ଲୋକସଭାରେ ପାରିତ ।

— ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହି ବିଲ୍ ସହାୟକ ହେବ; କହିଲେ ଅର୍ଥମନ୍ତ୍ରୀ ।

- ମ୍ୟାଁମାର ପରିସ୍ଥିତି ନେଇ ଜାତିସଂଘ ମହାସଚିବଙ୍କ ସ୍ୱତନ୍ତ୍ର ପ୍ରତିନିଧିଙ୍କ ସହ ଆଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଭାରତ-ଚୀନ ପରାମର୍ଶ ଓ ସମନ୍ୱୟ କାର୍ଯ୍ୟକାରୀ ବ୍ୟବସ୍ଥାର ୩୩ତମ ବୈଠକ ବେଜିଂଠାରେ ଅନୁଷ୍ଠିତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟର ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସକୁ ୧୧ ରନ୍‌ରେ ପରାସ୍ତ କଲା ପଞ୍ଜାବ କିଙ୍ଗ୍‌ସ୍ ।

## ଆର୍.ଏସ୍. - ଡିଜାଷ୍ଟର ଏମ୍.ଜି.ଟି. ବିଲ୍

ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍, ୨୦୨୪ ସଂସଦର ଅନୁମୋଦନ ଲାଭ କରିଛି । ରାଜ୍ୟସଭାରେ ଗତକାଲି ଏହା ପାରିତ ହୋଇଥିବାବେଳେ ଗତ ଡିସେମ୍ବର ମାସରେ ଲୋକସଭାରେ ଏହି ବିଲ୍ ଗୃହୀତ ହୋଇଥିଲା । ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫ରେ ଆବଶ୍ୟକ ସଂଶୋଧନ କରାଯିବା ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀକୁ ଏହି ସଂଶୋଧିତ ବିଲ୍ ଅଧିକ ସୁଦୃଢ଼ କରିବ । ଜାତୀୟ ଏବଂ ରାଜ୍ୟ ସ୍ତରରେ ବିପର୍ଯ୍ୟୟ ଯୋଜନା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଉଭୟଙ୍କୁ ଏହି ବିଲ୍ କ୍ଷମତା ପ୍ରଦାନ କରିଛି । ରାଜ୍ୟ ସରକାରଙ୍କୁ ପୌର ନିଗମ ସହିତ ରାଜଧାନୀ ଏବଂ ସହରଗୁଡ଼ିକ ପାଇଁ ଏକ ପୃଥକ ସହରାଞ୍ଚଳ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠନ କରିବା ନେଇ ଏହି ବିଲ୍ କ୍ଷମତା ପ୍ରଦାନ କରିଛି । ଜାତୀୟ ଏବଂ ରାଜ୍ୟ ସ୍ତରରେ ବିପର୍ଯ୍ୟୟ ଡାଟାବେଶ୍ ପ୍ରସ୍ତୁତ କରିବାରେ ମଧ୍ୟ ଏହି ବିଲ୍ ସହାୟକ ହେବ

ବୋଲି ଜଣାପଡ଼ିଛି । ବିଲ୍ ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିପର୍ଯ୍ୟୟର ପରିସର ଏବେ ବଦଳି ଯାଇଛି ଏବଂ ସେହି ଅନୁଯାଇ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ବିଲ୍ ଜରିଆରେ ବିପର୍ଯ୍ୟୟ ପରିଚାଳନା ଏକ ବହୁମୁଖୀ କ୍ଷେତ୍ର ଆଡ଼କୁ ସମ୍ପ୍ରସାରିତ ହେବାକୁ ଯାଉଛି ବୋଲି ଶ୍ରୀ ଶାହା କହିଛନ୍ତି । ବିପର୍ଯ୍ୟୟ ପରିଚାଳନାରେ ଭାରତ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଏହି ବିଲ୍ ଅଧୀନରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି ବୋଲି ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି ।

ବିଲ୍ ଆଲୋଚନା ଆରମ୍ଭ କରି କଂଗ୍ରେସ୍‌ର ନିରଜ୍ ଡାଙ୍ଗି ପ୍ରଧାନମନ୍ତ୍ରୀ ସହାୟତା ପାଣ୍ଠି ପରିଚାଳନା ନେଇ ଏହି ବିଲ୍‌ରେ କୌଣସି ପ୍ରସ୍ତାବ ନାହିଁ ବୋଲି ଅଭିଯୋଗ କରିଥିଲେ । ବି.ଜେ.ପି. ସଦସ୍ୟ ବ୍ରିଜ୍‌ଲାଲ୍ କହିଥିଲେ, ବିପର୍ଯ୍ୟୟ ପରିଚାଳନା ରାଜ୍ୟ ସରକାରଙ୍କ ଦାୟିତ୍ୱ । ଏକ୍ଷେତ୍ରରେ କେନ୍ଦ୍ର ସରକାର ଆବଶ୍ୟକ ସହାୟତା ପ୍ରଦାନ କରିଥା'ନ୍ତି । ୧୯ଟି ରାଜ୍ୟରେ ଏସ୍.ଡି.ଆର୍.ଏଫ୍. ବାହିନୀ ଗଠନପାଇଁ କେନ୍ଦ୍ର ସରକାର ୨୦୨୩ ମସିହା ଜୁନ୍ ୨୩ ତାରିଖରେ ୬ ହଜାର ୧୯୪ କୋଟି ଟଙ୍କା ମଞ୍ଜୁର କରିଥିଲେ ବୋଲି ସେ କହିଥିଲେ ।

# ଏଲ୍.ଏସ୍. - ଫାଇନାନ୍ସ

ଲୋକସଭାରେ ଗତକାଲି ଅର୍ଥବିଲ୍-୨୦୨୫ ପାରିତ ହୋଇଛି । ଶୁଳ୍କ ହ୍ରାସ ଏବଂ ଘରୋଇ ଉତ୍ପାଦକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ୩୫ଟି ସରକାରୀ ସଂଶୋଧନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ବିଲ୍ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ଆର୍ଥିକ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସହମତି ପ୍ରଦାନ କରିବ । ବିଲ୍ ଉପରେ ହୋଇଥିବା ଆଲୋଚନାର ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏହି ବିଲ୍ ଟିକସ ହ୍ରାସ ସହ ସହଜ ବ୍ୟବସାୟର ମାର୍ଗ ଉନ୍ମୋଚନ କରିଛି । ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ବାର୍ଷିକ ୧୨ ଲକ୍ଷ ଟଙ୍କା ଆୟ ଉପରେ ଟିକସ ଛାଡ଼ କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଆସନ୍ତା ମୌସୁମୀ ଅଧିବେଶନରେ ଆୟକର ବିଲ୍ ଉପରେ ଆଲୋଚନା ହୋଇପାରେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହି ବିଲ୍ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି ।  ସୀମା ଶୁଳ୍କ ସଂକ୍ରାନ୍ତ ବିଲ୍ ଉପରେ ଆଲୋକପାତ କରି ସେ କହିଛନ୍ତି, ଶୁଳ୍କ ଢାଞ୍ଚାରେ ପରିବର୍ତ୍ତନ ଦ୍ୱାରା ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ସମର୍ଥନ ମିଳିବା ସହ ରପ୍ତାନୀ କ୍ଷେତ୍ର ପ୍ରୋତ୍ସାହିତ ହେବ । ଏହାଦ୍ୱାରା ଦେଶର ବାଣିଜ୍ୟ ଅଧିକ ସୁଗମ ହୋଇପାରିବ ।

ଆସନ୍ତା ଆର୍ଥିକ ବର୍ଷ ବଜେଟ୍‌ରେ କଞ୍ଚାମାଲ୍ ଉପରେ ଶୁଳ୍କ ହ୍ରାସ କରି ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ରପ୍ତାନୀ କ୍ଷେତ୍ରକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖାଯାଇଛି । ଅର୍ଥ ବିଲ୍‌ରେ ଶିଳ୍ପ ସାମଗ୍ରୀ ପାଇଁ ୭ଟି କ୍ଷେତ୍ରରେ ସୀମାଶୁଳ୍କ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦିଆଯାଇଛି । ବ୍ୟାଟେରୀ ଚାଳିତ ଯାନବାହନ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ୩୫ଟି ଉତ୍ପାଦ ଉପରେ ଶୁଳ୍କ ଛାଡ଼ କରାଯାଇଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ।

ଷ୍ଟାର୍ଟଅପ୍ କ୍ଷେତ୍ରକୁ ମଧ୍ୟ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ବିଲ୍‌ରେ ରହିଥିବା ବ୍ୟବସ୍ଥା ଉପରେ ଅର୍ଥମନ୍ତ୍ରୀ ଆଲୋକପାତ କରିଥିଲେ ।

## ଜୟଶଙ୍କର - ଜୁଲି ବିଶପ୍

ମ୍ୟାଁମାରରେ ବଦଳୁଥିବା ପରିସ୍ଥିତି ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଜାତିସଂଘ ମହାସଚିବଙ୍କ ସ୍ୱତନ୍ତ୍ର ପ୍ରତିନିଧି ଜୁଲି ବିଶପ୍‌ଙ୍କ ମଧ୍ୟରେ ଆଲୋଚନା ହୋଇଛି । ଗତବର୍ଷ ଏପ୍ରିଲ୍ ମାସରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଜୁଲି ବିଶପ୍‌ଙ୍କୁ ମ୍ୟାଁମାର ପ୍ରସଙ୍ଗରେ ସ୍ୱତନ୍ତ୍ର ପ୍ରତିନିଧି ଭାବେ ନିଯୁକ୍ତ କରିଥିଲେ । ଜୁଲି ବିଶପ୍ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି । ୨୦୨୧ ମସିହା ଫେବୃୟାରୀ

ପହିଲାରେ ବିଦ୍ରୋହ ମାଧ୍ୟମରେ ମ୍ୟାଁମାରରେ ସେନା କ୍ଷମତା ଦଖଲ କରିବା ପରଠାରୁ ଗଣତନ୍ତ୍ରର ପୁନରୁଦ୍ଧାର ଦାବି ନେଇ ସେଠାରେ ବ୍ୟାପକ ହିଂସାତ୍ମକ କାର୍ଯ୍ୟକଳାପ ଦେଖିବାକୁ ମିଳିଛି । ଭାରତ, ଚୀନ୍ ଏବଂ ବାଂଲାଦେଶ ସୀମାରେ ଥିବା ଅନେକ ବାଣିଜ୍ୟିକ କ୍ଷେତ୍ରକୁ ସେନା ନିଜ ଅକ୍ତିଆରକୁ ନେଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ମ୍ୟାଁମାର ଭାରତର ଅନ୍ୟତମ ରଣନୈତିକ ପଡ଼ୋଶୀ ରାଷ୍ଟ୍ର । ନାଗାଲାଣ୍ଡ ଏବଂ ମଣିପୁର ସମେତ ଉତ୍ତର-ପୂର୍ବାଞ୍ଚଳର ୧ ହଜାର ୬୪୦ କିଲୋମିଟର ଦୀର୍ଘ ଭାରତ-ମ୍ୟାଁମାର ସୀମା ରହିଛି ।

## ଇଣ୍ଡୋ-ଚୀନ୍ - ଡବ୍ଲ୍ୟୁ.ଏମ୍.ସି.ସି. ମିଟ୍

ଭାରତ-ଚୀନ୍ ସୀମା ବ୍ୟାପାର ଆଧାରିତ ପରାମର୍ଶ ଓ ସମନ୍ୱୟ କାର୍ଯ୍ୟକାରୀ ବ୍ୟବସ୍ଥା - WMCCର ୩୩ତମ ବୈଠକ ଗତକାଲି ଚୀନ୍‌ର ବେଜିଂଠାରେ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ବୈଠକରେ ଉଭୟ ଦେଶର ପ୍ରକୃତ ନିୟନ୍ତ୍ରଣ ରେଖା ସ୍ଥିତିର ବ୍ୟାପକ ସମୀକ୍ଷା କରାଯାଇଛି । ଉଭୟ ପକ୍ଷ ଏକ୍ଷେତ୍ରରେ ପ୍ରାସଙ୍ଗିକ, କୂଟନୈତିକ ଏବଂ ସାମରିକ ବ୍ୟବସ୍ଥା ବଜାୟ ରଖିବାକୁ ସମ୍ମତ ହୋଇଛନ୍ତି । କୈଳାସ ମାନସରୋବର ଯାତ୍ରା ସମେତ ସୀମାପାର ସହଯୋଗ ଓ ଆଦାନ ପ୍ରଦାନରେ

ଉଭୟ ପକ୍ଷ ମଧ୍ୟରେ ମତ ବିନିମୟ ହୋଇଛି । ଚଳିତ ବର୍ଷ ଶେଷସୁଦ୍ଧା ଭାରତରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ପ୍ରତିନିଧିଙ୍କ ପରବର୍ତ୍ତୀ ବୈଠକ ପାଇଁ ପ୍ରସ୍ତୁତି ସଂକ୍ରାନ୍ତରେ ଉଭୟ ପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି । ଭାରତୀୟ ପ୍ରତିନିଧିମଣ୍ଡଳିର ମୁଖ୍ୟ ଚୀନ୍‌ର ସହକାରୀ ବୈଦେଶିକ ମନ୍ତ୍ରୀ ହଙ୍ଗ୍ ଲେଇ’ଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି ।

## ଟ୍ରମ୍ପ୍ - ରିଫ୍ୟୁଜିସ୍

ଆମେରିକାରେ ନୂତନ ଶରଣାର୍ଥୀଙ୍କ ପ୍ରବେଶକୁ ବନ୍ଦ କରିବା ସଂକ୍ରାନ୍ତ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍‌ଙ୍କ ଆଦେଶକୁ ଏକ ଆପେଲାଟ୍ ଅଦାଲତ ସ୍ୱୀକୃତି ପ୍ରଦାନ କରିଛି । ଦେଶରେ ଶରଣାର୍ଥୀ ପ୍ରବେଶ ବ୍ୟବସ୍ଥାକୁ ରୋକିବାପାଇଁ ରାଷ୍ଟ୍ରପତିଙ୍କ କାର୍ଯ୍ୟନିର୍ବାହୀ ଆଦେଶ ବିରୋଧରେ କୋର୍ଟରେ ଚାଲିଥିବା ମାମଲା ପରିପ୍ରେକ୍ଷୀରେ ଅଦାଲତ ଏହି ସ୍ୱୀକୃତି ପ୍ରଦାନ କରିଛନ୍ତି । ତେବେ ରାଷ୍ଟ୍ରପତି ଟ୍ରମ୍ପ୍ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସର୍ତ୍ତମୂଳକ ଭାବେ ଅନୁମୋଦନ ପାଇଥିବା ଶରଣାର୍ଥୀଙ୍କ ପାଇଁ ପ୍ରକ୍ରିୟା ଜାରି ରଖିବାକୁ ନବମ ୟୁ.ଏସ୍. ସର୍କିଟ୍ କୋର୍ଟ ଅଦେଶ ଦେଇଛନ୍ତି । ସିଆଟଲ୍‌ର ଜିଲ୍ଲା ଜଜ୍ ଜମାଲ୍ ହ୍ୱାଇଟ୍‌ହେଡ୍‌ଙ୍କ ଏହି ରାୟକୁ ଆପେଲାଟ୍ କୋର୍ଟ ସ୍ଥଗିତ ରଖିଛନ୍ତି । ଆମେରିକା କଂଗ୍ରେସଦ୍ୱାରା ପାରିତ ହୋଇଥିବା ଆଇନକୁ ରାଷ୍ଟ୍ରପତି ରଦ୍ଦ କରିପାରିବେ

ନାହିଁ ଏବଂ ଏହାକୁ ପୁନଃ ଆରମ୍ଭ କରାଯିବା ଉଚିତ ବୋଲି ମାମଲାରେ ଦର୍ଶାଯାଇଛଇ । ସୂଚନାଯୋଗ୍ୟ, ଅଧିକ ସଂଖ୍ୟକ ପ୍ରବାସୀ ଏବଂ ଶରଣାର୍ଥୀଙ୍କ ବସବାସ କରିବାଦ୍ୱାରା ନିର୍ଦ୍ଧାରିତ ସହର ଏବଂ ସମ୍ପ୍ରଦାୟ ଉପରେ ଟିକସ ହାର ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଟ୍ରମ୍ପ୍ କାର୍ଯ୍ୟକାରୀ ନିର୍ଦ୍ଦେଶ ମାଧ୍ୟମରେ ଏହାକୁ ସ୍ଥଗିତ ରଖିଥିଲେ ।

## ଆଇ.ଏଲ୍.. - ସୋସିଆଲ୍ ସିକ୍ୟୁରିଟି

ଦେଶରେ ସାମାଜିକ ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ବୋଲି ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ଆଇ.ଏଲ୍.ଓ. କହିଛି । ସଙ୍ଗଠନ ଅନୁଯାୟୀ ଭାରତର ସାମାଜିକ ସୁରକ୍ଷା ପରିସୀମା ୨୦୨୧ରେ ୨୪ ଦଶମିକ ୪ ପ୍ରତିଶତ ଥିବାବେଳେ ୨୦୨୪ରେ ଏହା ୪୮ ଦଶମିକ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ଆଇ.ଏଲ୍.ଓ.ର ବିଶ୍ୱ ସାମାଜିକ ସୁରକ୍ଷା ରିପୋର୍ଟ-୨୦୨୪-୨୬ ଆଧାରରେ ଶ୍ରମି ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନସୁଖ୍ ମାଣ୍ଡବୀୟ କର୍ମକ୍ଷେତ୍ରରେ ସାମାଜିକ ନିରାପତ୍ତା ସୁବିଧା ଉପରେ ଆଲୋକପାତ କରିଛନ୍ତି । ଯୁବବର୍ଗଙ୍କୁ ଦକ୍ଷ ଓ ସଶକ୍ତ କରିବା ଏବଂ ବିଶ୍ୱସ୍ତରକୁ ସେମାନଙ୍କର ଦକ୍ଷତାକୁ ଉନ୍ନୀତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ବଜେଟ୍ ପରବର୍ତ୍ତୀ ପୁଞ୍ଜିନିବେଶ ସଚେତନତା ସଂକ୍ରାନ୍ତ

ୱେବିନାର୍‌ରେ ଯୋଗଦେଇ ଡକ୍ଟର ମାଣ୍ଡବୀୟ ଏହା କହିଛନ୍ତି । ସେ କହିଛନ୍ତି, ୨୦୧୪ରୁ ୨୦୨୪ ମଧ୍ୟରେ ୧୭ କୋଟି ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ସେଥିମଧ୍ୟରେ କେବଳ ଗତବର୍ଷ ୪ କୋଟି ୬୦ ଲକ୍ଷ ନିଯୁକ୍ତିକ୍ଷେତ୍ର ଅନ୍ତର୍ଭୁକ୍ତ । ବେରୋଜଗାରୀ ହାର ୨୦୧୭-୧୮ରେ ୬ ପ୍ରତିଶତ ଥିବାବେଳେ ୨୦୨୩-୨୪ରେ ଏହା ୩ ଦଶମିକ ୨ ପ୍ରତିଶତକୁ ହ୍ରାସ ପାଇଛି ବୋଲି ଡକ୍ଟର ମାଣ୍ଡବୀୟ କହିଛନ୍ତି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଗତକାଲି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ୍ ବିଜୟୀ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଗତସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ପଞ୍ଜାବ୍ ୧୧ ରନ୍‌ରେ ଗୁଜରାଟ୍ ଟାଇଟନ୍‌ସକୁ ହରାଇ ଦେଇଥିଲା । ଗୁଜରାଟ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ପଞ୍ଜାବ କିଙ୍ଗ୍‌ସ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୪୩ ରନ୍ ସଂଗ୍ରହ କରିଥିଲା । ଶ୍ରେୟସ୍ ଆୟାର୍ ଦଳ ପକ୍ଷରୁ ସର୍ବାଧିକ ଅପରାଜିତ ୯୭ ରନ୍ ସଂଗ୍ରହ କରିଥିବାବେଳେ ପ୍ରିୟାଂଶ ଆର୍ଯ୍ୟ ୪୭ ରନ୍ ଏବଂ ଶଶାଙ୍କ ସିଂହ ଅପରାଜିତ ୪୪ ରନ୍ ସଂଗ୍ରହ କରିଥିଲେ । ରବି ଶ୍ରୀନିବାସନ୍ ସାଇ କିଶୋର ଗୁଜରାଟ୍

ଦଳ ପକ୍ଷରୁ ୩ଟି ୱିକେଟ୍ ହାସଲ କରିଥିଲେ । ୨୪୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍‌ସ ୫ ୱିକେଟ୍‌ରେ ୨୩୨ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୭୪ ଏବଂ ଜୋସ୍ ବଟଲ୍‌ର୍ ୫୪ ରନ୍ ସଂଗ୍ରହ କରିଥିଲେ । ଶ୍ରେୟସ୍ ଆୟାରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ଗୁଆହାଟୀଠାରେ ସନ୍ଧ୍ୟା ସାଢ଼େ ୭ଟାରେ ରାଜସ୍ଥାନ ରୟାଲ୍‌ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ରେସଲିଂ - ଏସିଆନ୍ ଚାମ୍ପିୟନ୍‌ସିପ୍

ଏସିଆନ୍ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ଭାରତର ସୁନିଲ୍ କୁମାର ୮୭ କିଲୋଗ୍ରାମ୍ ଗ୍ରେକୋ ରୋମାନ୍ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ଜୋର୍ଡ଼ାନ୍‌ର ଅମନ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୁନିଲ୍ କୁମାର ଚୀନ୍ ପ୍ରତିଯୋଗୀ ଜିଆସିନ୍ ହୁଆଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ । ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇରାନ୍‌ର ୟାସିନ୍ ୟାଜ୍‌ଦି ସୁନିଲ୍‌ଙ୍କୁ ୩-୧ ପଏଣ୍ଟରେ ପରାସ୍ତ କରି ପୂର୍ବରୁ ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଥିଲେ । ଅନ୍ୟପକ୍ଷରେ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ଭାରତର ସାଗର ଠକ୍‌ରାନ୍ ୭୭ କିଲୋ ବର୍ଗରେ ପରାସ୍ତ ହୋଇଛନ୍ତି ।

*****